# ଭୁଟାନ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ ଏବଂ ବୁଝାମଣାପତ୍ର ବିନିମୟ

ମାର୍ଚ୍ଚ 22, 2024

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି ଥିମ୍ପୁଠାରେ ଭୁଟାନର ପ୍ରଧାନମନ୍ତ୍ରୀ ମହାମହିମ ସେରିଙ୍ଗ ତୋବଗେଙ୍କ ସମ୍ମାନରେ ଆୟୋଜିତ ଏକ ମଧ୍ୟାହ୍ନ ଭୋଜନରେ ତାଙ୍କୁ ଭେଟିଥିଲେ । ପାରୋରୁ ଥିମ୍ପୁ ପର୍ଯ୍ୟନ୍ତ ଯାତ୍ରା ସମୟରେ ଲୋକମାନେ ତାଙ୍କୁ ଅସାଧାରଣ ଜନ ସ୍ୱାଗତ କରିଥିବାରୁ ପ୍ରଧାନମନ୍ତ୍ରୀ ତୋବଗେଙ୍କୁ ଧନ୍ୟବାଦ ଜଣାଇଥିଲେ ।

2. ଉଭୟ ନେତା ବହୁମୁଖୀ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଅକ୍ଷୟ ଶକ୍ତି, କୃଷି, ଯୁବ ବିନିମୟ, ପରିବେଶ ଓ ଜଙ୍ଗଲ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗକୁ ଆହୁରି ବଢ଼ାଇବା ପାଇଁ ବୁଝାମଣା କରିଥିଲେ । ଭାରତ ଏବଂ ଭୁଟାନ ମଧ୍ୟରେ ଦୀର୍ଘଦିନର ଏବଂ ଅସାଧାରଣ ସମ୍ପର୍କ ରହିଛି, ଯେଉଁଥିରେ ସବୁ ସ୍ତରରେ ଅତ୍ୟନ୍ତ ବିଶ୍ୱାସ, ସଦ୍ଭାବନା ଏବଂ ପାରସ୍ପରିକ ବୁଝାମଣା ରହିଛି ।

3. ବୈଠକ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଭୁଟାନର ପ୍ରଧାନମନ୍ତ୍ରୀ ଶକ୍ତି, ବାଣିଜ୍ୟ, ଡିଜିଟାଲ କନେକ୍ଟିଭିଟି, ମହାକାଶ, କୃଷି, ଯୁବ ସଂଯୋଗ ଆଦି କ୍ଷେତ୍ରରେ ଅନେକ ବୁଝାମଣାପତ୍ର/ରାଜିନାମା ପତ୍ର ଆଦାନପ୍ରଦାନ କରିଥିଲେ ।

https://bit.ly/3xa8U7y

ଥିମ୍ପୁ
**ମାର୍ଚ୍ଚ 22, 2024**